## ଐତିହ୍ୟ ଗାଁ ରଘୁରାଜପୁର ବୁଲିଲେ ନିର୍ବାଚନ କମିସନର

# ପଟ୍ଟଚିତ୍ର ପ୍ରସ୍ତୁତି ପ୍ରଣାଳୀ ବୁଝିଲେ, ଗୋଟିପୁଅ ନୃତ୍ୟ ଦେଖିଲେ



ପୁରୀ,୨୮।୧୨(ସମିସ): ପୁରୀର ଐତିହ୍ୟ କଳାଗ୍ରାମ ରଘୁରାଜପୁର ପରିଦର୍ଶନ କରି ଅଭିଭୂତ ହୋଇଛନ୍ତି ଭାରତର ନିର୍ବାଚନ କମିସନର୍ ଜ୍ଞାନେଶ କୁମାର। ରବିବାର ପୂର୍ବାହ୍ନରେ ସପରିବାରେ ସେ ରଘୁରାଜପୁର ଗ୍ରାମରେ ପହଞ୍ଚିବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ତାଙ୍କୁ ସ୍ୱାଗତ କରିଥିଲେ। ପରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍. ସନ୍ଥଗୋପାଳନ, ଜିଲ୍ଲାପାଳ ଶ୍ରୀ ପରିଡ଼ା କମିସନରଙ୍କୁ ରଘୁରାଜପୁରର କଳାକୃତି ଦେଖାଇଥିଲେ। କମିସନର ପ୍ରତ୍ୟେକ ଘରେ କଳାକୃତି ଦେଖି ବିସ୍ମିତ ହେବା ସହ ଆନନ୍ଦ ପ୍ରକାଶ କରିଥିଲେ। ଶିଳ୍ପୀମାନଙ୍କ ସହ ବାର୍ତ୍ତାଳାପ କରି ପଟ୍ଟଚିତ୍ରର ପ୍ରସ୍ତୁତି ପ୍ରଣାଳୀ, ପ୍ରସ୍ତୁତ ହୋଇଥିବା ଚିତ୍ରର ବିଷୟବସ୍ତୁ ସମ୍ପର୍କରେ ପଚାରି ବୁଝିଥିଲେ। ପରେ କମିସନର୍ ଗୋଟିପୁଅ ନୃତ୍ୟ ଦେଖିଥିଲେ। ନିଜ ପ୍ରତିକ୍ରିୟାରେ କମିସନର୍ ରଘୁରାଜପୁରର କଳାକୃତି ଓ ଗୋଟିପୁଅ ନୃତ୍ୟ ଦେଖି ଅତ୍ୟନ୍ତ ଖୁସି ବୋଲି କହିଥିଲେ। ଓଡ଼ିଶା ଭଳି ଏକ ପ୍ରାଚୀନ ରାଜ୍ୟରେ ଏଭଳି ପାରମ୍ପରିକ କଳାକୁ ପ୍ରାଧାନ୍ୟ ଅତ୍ୟନ୍ତ ଆନନ୍ଦର କଥା ବୋଲି କହିବା ସହ ସମସ୍ତ ଶିଳ୍ପୀ ଓ କଳାକାର ନମସ୍ୟ ବୋଲି କହିଥିଲେ। ଏହିଭଳି ସୁନ୍ଦର କଳାକୁ ଭାରତର ଜନସାଧାରଣ ଦେଖିବାକୁ ଓ କଳାକାରଙ୍କୁ ଉତ୍ସାହିତ କରିବାକୁ କମିସନର ମତ ଦେଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ପ୍ରତୀକ ସିଂ, ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶାନ୍ତ କୁମାର ମିଶ୍ର, ଅତିରିକ୍ତ ସଚିବ ଗୋପୀନାଥ କୁଅଁର, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଉପ-ମୁଖ୍ୟ ନିର୍ବାଚନ ଅଧିକାରୀ ଡ. ଲକ୍ଷ୍ମୀପ୍ରସାଦ ସାହୁ, ଅନାମିକା ସିଂ, ସହକାରୀ ପର୍ଯ୍ୟଟନ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ, ଅତିରିକ୍ତ ଏସ୍‌ପି ସଚିନ ପଟେଲ, ସୌମ୍ୟରଞ୍ଜନ ମଲ୍ଲିକ, ସଦର ବିଡିଓ ସମ୍ବିତ ଶତପଥୀ, ତହସିଲଦାର ଅଭିଷେକ ଦାଶଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# କାର୍ ଧକ୍କାରେ ପୁଲିସ ପାଟ୍ରୋଲିଂ ଭ୍ୟାନ୍ ଚୂର୍‌ମାର୍



ପିପିଲି,୨୮।୧୨(ସମିସ): ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥର ସାତଶଙ୍ଖ ବଜାର ନିକଟ କଲ୍‌ଭର୍ଟଠାରେ ଶନିବାର ବିଳମ୍ବିତ ରାତି ୩ଟାରୁ ହୋମ୍‌ଗାର୍ଡ ସତ୍ୟରଞ୍ଜନ ପଣ୍ଡା। କାର୍‌ଟି ପିସିଆର୍‌କୁ ଧକ୍କା ଦେଇ ତଳୁ ଖସି ପଡ଼ିଥିଲା। ଖବର ପାଇ ପିପିଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ଓ

> ➤ ଅଳ୍ପକେ ବର୍ତ୍ତିଲେ ୩ ପୁଲିସ କର୍ମଚାରୀ
> ➤ କାର୍ ଜବତ, ଡ୍ରାଇଭର ଗିରଫ

ସାଢ଼େ ୩ଟା ମଧ୍ୟରେ ପୁଲିସ ପାଟ୍ରୋଲିଂ ପିସିଆର୍ ଭ୍ୟାନ୍‌କୁ ଏକ ଦ୍ରୁତଗାମୀ କାର୍ ଧକ୍କା ଦେଇଥିଲା। ପିସିଆର୍ ଭ୍ୟାନ୍‌ର ଡାହାଣପଟ ଭାଙ୍ଗି ଚୁର୍‌ମାର୍ ହୋଇଯାଇଥିବା ବେଳେ ସେଥିରେ ଥିବା ୩ ଜଣ ଆହତ ହୋଇଥିଲେ। ସେମାନେ ହେଲେ ଏସ୍‌ପିଓ ରାମକୃଷ୍ଣ କର, ଡ୍ରାଇଭର ସଞ୍ଜୟ କୁମାର ବେହେରା, ସାତଶଙ୍ଖ ଫାଣ୍ଡି ଅଧିକାରୀ ମନୋରଞ୍ଜନ ପରିଡ଼ା ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ମେଡିକାଲକୁ ନେଇଥିଲେ। ଏନେଇ ପିପିଲି ଥାନାରେ ୭୨୦/୨୫ରେ ଏକ ମାମଲା ରୁଜୁ କରାଯାଇଛି। ଖଣ୍ଡଗିରି ଥାନା ଅଞ୍ଚଳର କାର୍ ଡ୍ରାଇଭର ଆଶିଷ କୁମାର ସାମଲଙ୍କୁ ପୁଲିସ ଗିରଫ କରିଛି। ଦୁର୍ଘଟଣା ଘଟାଇଥିବା କାର୍‌କୁ ସାତଶଙ୍ଖ ଫାଣ୍ଡିରେ ଅଟକ ରଖାଯାଇ ଘଟଣାର ତଦନ୍ତ କରାଯାଉଥିବା ନେଇ ଥାନା ଅଧିକାରୀ ଶ୍ରୀ ତ୍ରିପାଠୀ ସୂଚନା ଦେଇଛନ୍ତି।

● ନୟାହାଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

# ଅଧ୍ୟକ୍ଷଙ୍କ ବିରୋଧରେ ଶିକ୍ଷା ଅଧିକାରୀଙ୍କୁ ଅଭିଯୋଗ

## ଶିକ୍ଷା ଉପନିର୍ଦ୍ଦେଶକ ଓ ପୁରୀ ଉପ ଜିଲ୍ଲାପାଳଙ୍କୁ ତଦନ୍ତ ନିର୍ଦ୍ଦେଶ

ନୟାହାଟ,୨୮।୧୨(ସମିସ): ପୁରୀ ଜିଲ୍ଲା ଗୋପ ବ୍ଲକ୍ ଅନ୍ତର୍ଗତ ନୟାହାଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷଙ୍କ କାର୍ଯ୍ୟକଳାପ ବିରୋଧରେ କେତେକ ଅଭିଭାବକ ଅସନ୍ତୋଷ ପ୍ରକାଶ କରି ଭୁବନେଶ୍ୱରଠାରେ ଥିବା ଶିକ୍ଷା ନିର୍ଦ୍ଦେଶିକା ନିୟତି ପଟ୍ଟନାୟକଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଶିକ୍ଷା ନିର୍ଦ୍ଦେଶିକା ଶ୍ରୀମତୀ ପଟ୍ଟନାୟକ ଅଭିଯୋଗ ପାଇବା ପରେ ତାଙ୍କ ଚିଠି ନମ୍ବର ୧୭୧୫୭/୨୦.୧୨.୨୦୨୫ରେ ଉପନିର୍ଦ୍ଦେଶକ ମଧୁସୂଦନ ମଲ୍ଲିକଙ୍କୁ ଓ ପୁରୀ ଉପଜିଲ୍ଲାପାଳ ରାଜକିଶୋର ଜେନାଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।ଉମାକାନ୍ତ ଭୋଇ ସମେତ ତିନିଜଣ ଅଭିଭାବକ ଅଭିଯୋଗ କରିଛନ୍ତି ଯେ, କଲେଜ ଅଧ୍ୟକ୍ଷ ଜୟରାମ ସ୍ୱାଇଁଙ୍କ ମନମୁଖୀ କାର୍ଯ୍ୟ ଓ ଅପାରଗତା ଯୋଗୁଁ ଶିକ୍ଷାନୁଷ୍ଠାନଟି ରଙ୍ଗଶାଳରେ ପରିଣତ ହେଲାଣି। ଶିକ୍ଷାନୁଷ୍ଠାନ ମଧ୍ୟରେ କିଛି ଅଣଶିକ୍ଷକ କର୍ମଚାରୀଙ୍କ ଅଶ୍ଳୀଳ ଭାଷା ଯୋଗୁଁ ପରିବେଶ ନଷ୍ଟ ହେଉଛି। ବିଦ୍ୟାଳୟ ଛୁଟି ପରେ ସନ୍ଧ୍ୟାବେଳେ ଅଧ୍ୟାପକ ଓ ଅଧ୍ୟାପିକା ବସୁଥିବା ରୁମ୍‌ରେ କିଛି କର୍ମଚାରୀ ଓ କିଛି ବାହାର ବ୍ୟକ୍ତି ବସି ଟିଭି ଦେଖିବା ସହିତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ହେବା ପ୍ରମାଣ ସହିତ ନଜରକୁ ଆସିଛି। ଗତ ୩ ତାରିଖରେ ଉକ୍ତ କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ କଲେଜର କିଛି ପିଲା ଓ କର୍ମଚାରୀଙ୍କୁ ନେଇ ପିକ୍‌ନିକ୍ ଯାଇଥିଲେ। ଶିକ୍ଷା ନିର୍ଦ୍ଦେଶିକା ଚିଠି ଦେବାର ୮ ଦିନ ବିତିଯାଇଥିଲେ ବି ତଦନ୍ତ କରାଯାଉ ନ ଥିବାରୁ ଉମାକାନ୍ତ ଭୋଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ଜଣାଇଛନ୍ତି।

# ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ଛାତ୍ରୀଙ୍କ ଶୈକ୍ଷିକ ଭ୍ରମଣ




ନିମାପଡ଼ା,୨୮।୧୨(ସମିସ): ନିମାପଡ଼ା ବ୍ଲକ୍ ଚାରିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ସମ୍ମାନ ବିଭାଗ ଛାତ୍ରୀମାନଙ୍କର ଏକ ଶୈକ୍ଷିକ ଭ୍ରମଣ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଛାତ୍ରୀମାନେ ରାଜ୍ୟ ସଂଗ୍ରହାଳୟ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଓ ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଭ୍ରମଣ କରିଥିଲେ। ରାଜ୍ୟ ସଂଗ୍ରହାଳୟରେ ଓଡ଼ିଶାର ସଂସ୍କୃତି, ଇତିହାସ ଓ ଲିପି ସମ୍ବନ୍ଧରେ ଅବଗତ ହୋଇଥିଲେ। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ରାଜନୀତି ବିଜ୍ଞାନ ବିଭାଗ ସଂଯୋଜକ ବସନ୍ତ ବେହେରା, ପ୍ରାଧ୍ୟାପକ ମାନସ ବେହେରା ଓ ଅଧ୍ୟାପକ ତପନ ସେଠୀଙ୍କ ସହ ଉଚ୍ଚଶିକ୍ଷା ନିମନ୍ତେ ସେଠାରେ ଥିବା ସୁବିଧାସୁଯୋଗ ଉପରେ ଆଲୋଚନା କରିଥିଲେ। ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ ଛାତ୍ରୀମାନଙ୍କୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିଚାଳନା ସମ୍ପର୍କରେ ଅବଗତ କରାଇଥିଲେ। ଏହି ଶୈକ୍ଷକ ଭ୍ରମଣରେ ରାଜିନୀତି ବିଜ୍ଞାନ ବିଭାଗ ମୁଖ୍ୟ ସିପ୍ରାରାଣୀ ମହାପାତ୍ର, ଅଧ୍ୟାପିକା ଡ. କୀର୍ତ୍ତିମୟୀ ରାଉତରାୟ ଓ ଅଧ୍ୟାପିକା ବିଜୟଲକ୍ଷ୍ମୀ ମିଶ୍ର ଛାତ୍ରୀମାନଙ୍କୁ ମାର୍ଗଦର୍ଶନ କରାଇଥିଲେ।

# ବିଜେଡି ରାଜ୍ୟ କମିଟିରେ ପିପିଲିର ଯୁବନେତା

ପିପିଲି,୨୮।୧୨(ସମିସ): ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ବିଜୁ ଜନତା ଦଳର ଯୁବ ଓ ଛାତ୍ର ଶାଖାର ରାଜ୍ୟ କମିଟି ଓ କର୍ମକର୍ତ୍ତା ଘୋଷଣା କରାଯାଇଛି। ଯୁବ ବିଜେଡିର ୪ଜଣ କାର୍ଯ୍ୟକାରୀ ସଭାପତିଙ୍କୁ ମିଶାଇ ୧୬୦ ଜଣ ଓ ଛାତ୍ର ବିଜେଡିର ୫ ଜଣ କାର୍ଯ୍ୟକାରୀ ସଭାପତିଙ୍କୁ ମିଶାଇ ୧୪୫ ଜଣଙ୍କ ନାମ ଘୋଷଣା କରାଯାଇଛି। ସେଥିମଧ୍ୟରେ ପୁରୀ ଜିଲ୍ଲା ପିପିଲି ନିର୍ବାଚନମଣ୍ଡଳୀରୁ ରାଜ୍ୟ ଯୁବ ଜନତା ଦଳ ଉପସଭାପତି ଭାବରେ ଯୁବ ନେତା ବିଶ୍ୱଜିତ୍ ଦାସ, ସାଧାରଣ ସମ୍ପାଦକ ଭାବରେ ମନୋଜ ଦାସ, ଆମରଜ୍ୟୋତି ପଟ୍ଟନାୟକ, ଜ୍ୟୋତିପ୍ରକାଶ ପୃଷ୍ଟି ଏବଂ ଛାତ୍ର ବିଜେଡି ଉପସଭାପତି ଭାବରେ ସୌମ୍ୟରଞ୍ଜନ ମହାପାତ୍ରଙ୍କୁ ନିଯୁକ୍ତି ଦିଆଯାଇଛି। ଏହି ଖବର ପ୍ରକାଶ ପାଇବା ପରେ ପିପିଲି-ଡେଲାଙ୍ଗ ନିର୍ବାଚନମଣ୍ଡଳୀର ଯୁବ ଛାତ୍ର ଜନତା ଦଳର କର୍ମୀମାନଙ୍କ ମଧ୍ୟରେ ଉତ୍ସାହ ଦେଖାଯାଇଛି। ଏଥିପାଇଁ ସମସ୍ତେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ଓ ପିପିଲି ଡେଲାଙ୍ଗର ପୂର୍ବତନ ବିଧାୟକ ରୁଦ୍ର ପ୍ରତାପ ମହାରଥୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଯକୃତ ରୋଗରେ ପୀଡ଼ିତ ଦୁଃଶାସନଙ୍କୁ ସହାୟତା



କଣାସ,୨୮।୧୨(ସମିସ): ପୁରୀ ଜିଲ୍ଲା କଣାସ ବ୍ଲକ୍ ଆଳିବାଡ଼ ପଞ୍ଚାୟତର ଗୁଆଡ଼ିଆ ଗ୍ରାମର ଦୁଃଶାସନ ସାହୁ (୪୪) ଦୀର୍ଘ ଦିନ ଧରି ଯକୃତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ଏବେବି ତାଙ୍କର ସପ୍ତାହରେ ୩ ଥର ଡାଏଲିସିସ୍ ହେଉଛି। ଜମିବାଡ଼ି ବିକ୍ରି କରିବା ସହିତ ଧାର କରଜ କରି ୧୯ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରି ସାରିଲେଣି। ତାଙ୍କ ପତ୍ନୀ ରାଜଲକ୍ଷ୍ମୀ ସାହୁ ଚିକିତ୍ସା ପାଇଁ ଆର୍ଥିକ ସହାୟତା ପାଇଁ ନିବେଦନ କରିଥିଲେ। ଖବର ପାଇ ଭୁବନେଶ୍ୱରର ରୋଟାରିୟାନ ସଭ୍ୟ ରବିନ୍ଦ୍ର ନାଥ ସାହୁ ରବିବାର ତାଙ୍କର ୬୧ତମ ଜନ୍ମ ଦିବସ ଅବସରେ ଗୁଆଡ଼ିଆ ଗ୍ରାମରେ ପହଞ୍ଚି ଚିକିତ୍ସା ପାଇଁ ୨୫ ହଜାର ଟଙ୍କା ଓ ୨ମାସର ରାସନ ସାମଗ୍ରୀ ପ୍ରଦାନ କରିଛନ୍ତି। ଭୁବନେଶ୍ୱରର କର୍ପୋରେଟର ରଶ୍ମିରଞ୍ଜନ ପାଟଶାଣୀ, ସୁଧୀର ରଞ୍ଜନ ସାମନ୍ତରାୟ, ଶଶୀଧର ବେହେରା, ଅଭିଳାଷ ପତି ପ୍ରମୁଖ ଉପସ୍ଥିତ ଥିଲେ। ୨୦୨୦ ମସିହାରୁ ଦୁଃଶାସନ ଯକୃତ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ ମଧ୍ୟ କୌଣସି ସରକାରୀ ସହାୟତା ବର୍ତ୍ତମାନ ସୁଦ୍ଧା ମିଳି ନ ଥିଲା। ରବିନ୍ଦ୍ର ପେସାରେ ଜଣେ ଆଇନଜୀବୀ ହୋଇଥିଲେ ମଧ୍ୟ ସେ ସମାଜସେବା ଓ ଅସହାୟ ବ୍ୟକ୍ତିଙ୍କୁ ସହାୟତା କରିବା, ପରିବେଶ ସୁରକ୍ଷା ପାଇଁ ଗଛ ଲଗାଇବା ତାଙ୍କର ମୁଖ୍ୟ ଭୂମିକା।

# ଭଗବତୀ ବିଦ୍ୟାପୀଠରେ ୧୯୯୦ ବ୍ୟାଚ୍ ବନ୍ଧୁ ମିଳନ



କୁଣ୍ଡେଇ,୨୮।୧୨(ସମିସ): କାକଟପୁର ବ୍ଲକ୍ ବାଜପୁର ଭଗବତୀ ବିଦ୍ୟାପୀଠର ୧୯୯୦ ମାଟ୍ରିକ୍ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ଏକ ବନ୍ଧୁ ମିଳନ ଉତ୍ସବ ପୁରୀ ଜିଲ୍ଲା ଅସ୍ତରଙ୍ଗ ନିକଟ ପୀର୍ ଜାହାନିଆ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୩୬ ବର୍ଷ ପରେ ସାଙ୍ଗମାନେ ଦେଖାସାକ୍ଷାତ୍ ହେବା ପରେ ଏକ ଭାବବିହ୍ୱଳ ପରିବେଶ ସୃଷ୍ଟି ହୋଇଥିଲା। ପ୍ରାରମ୍ଭରେ ସ୍ୱର୍ଗତ ସହପାଠୀ ଭାଇଭଉଣୀମାନଙ୍କର ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏନେଇ ବ୍ୟାଚ୍ ସଭାପତି ଦିବ୍ୟରଞ୍ଜନ ସୁବୁଦ୍ଧିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଦ୍ୟାଳୟର ତତ୍କାଳୀନ ପ୍ରଧାନଶିକ୍ଷକ ଓ ସହଯୋଗୀ ଶିକ୍ଷକଙ୍କ ବଳିଷ୍ଠ ଶିକ୍ଷାଦାନ ଯୋଗୁଁ ସମସ୍ତେ ଶିକ୍ଷକମାନଙ୍କୁ କୃତଜ୍ଞତା ଜଣାଇଥିଲେ।

# ଗୋପାଳଜୀଉ କ୍ରିକେଟ: ସେମିରେ ମୁକ୍ତେଶ୍ୱର

ଗୋପ,୨୮।୧୨(ସମିସ): ଗୋପସ୍ଥିତ ଗଣେଶ୍ୱରପୁର ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆଠାରେ ଅନୁଷ୍ଠିତ ହେଉଥିବା ରାଜ୍ୟସ୍ତରୀୟ ଗୋପାଳଜୀଉ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶେଷ ଲିଗ୍ ମ୍ୟାଚ୍‌ରେ ଭୁବନେଶ୍ୱରର ମୁକ୍ତେଶ୍ୱର କ୍ରିକେଟ୍ କ୍ଲବ୍ ୬ ୱିକେଟରେ ମାଷ୍ଟର କ୍ରିକେଟ କ୍ଲବ୍ (କଟକ)କୁ ପରାସ୍ତ କରି ସେମି ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରି ମାଷ୍ଟର କଟକ ସମସ୍ତ ୱିକେଟ୍ ହରାଇ ୧୫୮ ରନ୍ ସଂଗ୍ରହ କରିଥିଲା। ଜବାବରେ ମୁକ୍ତେଶ୍ୱର ୨୦.୨ ଓଭରରେ ୬ ୱିକେଟ୍ ହରାଇ ୧୫୯ ରନ୍ କରି ମ୍ୟାଚ୍ ଜିତି ସେମି ଫାଇନାଲରେ ପ୍ରବେଶ କରିଛି। ମୁକ୍ତେଶ୍ୱରର ତନ୍ମୟ ବିଶ୍ୱାଳଙ୍କୁ ଦେବବ୍ରତ ସାହୁ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ଟ୍ରଫି ପ୍ରଦାନ କରିଥିଲେ। ଅମ୍ପାୟାର୍ ଦେବେନ୍ଦ୍ର ନାଥ ମିଶ୍ର ଓ ତ୍ରିଭୁବନ ଦାସ ମ୍ୟାଚ୍ ପରିଚାଳନା କରିଥିଲେ। ସୋମବାର ପ୍ରଥମ ସେମି ଫାଇନାଲ୍ ମ୍ୟାଚ୍ କଟକର ସୋଲାର ଓ ଭୁବନେଶ୍ୱରର ମୁକ୍ତେଶ୍ୱର କ୍ରିକେଟ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।




# ମୃତ୍ୟୁ ପରେ ଶରୀର ଦାନ କଲେ ମନୋରମା



ଗୋପ,୨୮।୧୨(ସମିସ): ଏରବଙ୍ଗ ନୋଡାଲ ହାଇସ୍କୁଲର ପୁରାତନ ଛାତ୍ରୀ ତଥା ଜଣେ ସ୍ନେହମୟୀ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ମନୋରମା (ମନି) ମହାନ୍ତିଙ୍କର ଗତ ୨୫ ତାରିଖରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୬୫ ବର୍ଷ ବୟସ ହୋଇଥିଲା। ଦୀର୍ଘ ଦିନ ଧରି ଅସୁସ୍ଥତା ଯୋଗୁଁ ଚିକିତ୍ସିତ ହେଉଥିଲେ। ମୃତ୍ୟୁ ପରେ ମଧ୍ୟ ସମାଜ ପାଇଁ କିଛି କରିବାର ଅଭିଳାଷ ରଖିଥିବା ମନୋରମାଙ୍କ ଶେଷ ଇଚ୍ଛା ଅନୁଯାୟୀ, ତାଙ୍କ ପାର୍ଥିବ ଶରୀରକୁ ଚିକିତ୍ସା ବିଜ୍ଞାନର ଗବେଷଣା ପାଇଁ କଟକ ଏସ୍‌ସିବି ମେଡିକାଲ କଲେଜକୁ ଦାନ କରାଯାଇଛି। ଭୀମଟାଙ୍ଗୀସ୍ଥିତ ତାଙ୍କ ବାସଭବନରେ ବହୁ ବିଶିଷ୍ଟ ବ୍ୟକ୍ତି ଓ ଏରବଙ୍ଗ ନୋଡାଲ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ପରିଷଦର ସଦସ୍ୟମାନେ ଏବଂ ସ୍ଥାନୀୟ ଅଞ୍ଚଳର ବହୁ ଲୋକ, ପରିବାର ବର୍ଗ, ବନ୍ଧୁବାନ୍ଧବ ଉପସ୍ଥିତ ରହି ଶେଷ ଦର୍ଶନ କରିବା ସହ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଜଣେ ଆଦର୍ଶ ଶିକ୍ଷୟିତ୍ରୀ ଭାବେ ପରିଚିତ ମନୋରମାଙ୍କର ଏହି ମୃତ୍ୟୁଞ୍ଜୟୀ ନିଷ୍ପତ୍ତି ସମାଜ ପାଇଁ ଏକ ଉଦାହରଣ ହୋଇ ରହିବ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି।

# ୧୯୯୦ ବ୍ୟାଚ୍‌ର ବନ୍ଧୁ ମିଳନ



ଚାରିଛକ,୨୮।୧୨(ସମିସ): ଚାରିଛକ ନିକଟସ୍ଥ ମାଧବ ସଦାଦାସ ତୋଟାସ୍ଥିତ ସହିଦ ସ୍ମୃତି ଉଦ୍ୟାନରେ ଅମରେଶ୍ୱର ଉଚ୍ଚ ବିଦ୍ୟାଳୟର ୧୯୯୦ ମାଟ୍ରିକ୍ ବ୍ୟାଚ୍‌ର ଏକ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନର କେତେକ ଦିବଂଗତଙ୍କ ଉଦ୍ଦେଶ୍ୟରେ ବୃକ୍ଷରୋପଣ କରିବା ସହ ପ୍ଲାଷ୍ଟିକ୍ ଓ ପଲିଥିନ୍ ବର୍ଜନ କରିବା ଉପରେ ଏକ ସଚେତନତା ସହ ଶପଥ ଗ୍ରହଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜୟନ୍ତ ସାହୁ ପରିଚାଳନା କରିଥିଲେ। ପ୍ରମୋଦ ପୃଷ୍ଟି, ନିତ୍ୟାନନ୍ଦ ଦାଶ, କାହ୍ନୁ ସାହୁ, ଅରକ୍ଷିତ ଭୋଇ, ଗଣେଶ କର, ପ୍ରସନ୍ନ କର, ବିନୟ କର, ଅଶୋକ ବେହେରା, କାହ୍ନୁ ଚରଣ ସାହୁ, ଚିନ୍ମୟୀ ମିଶ୍ର, କୁସ୍ମିତା ସାହୁ, ମମତା ସାହୁ ସମେତ ୫୦ରୁ ଊର୍ଦ୍ଧ୍ୱ ଯୋଗଦେଇଥିଲେ।

# ଭାର୍ଗବୀ ସାହିତ୍ୟ ସଂସଦର ଦ୍ୱାଦଶ ବାର୍ଷିକ ଉତ୍ସବ




ବଳଙ୍ଗା,୨୮।୧୨(ସମିସ): ଭାର୍ଗବୀ ସାହିତ୍ୟ ସଂସଦର ଦ୍ୱାଦଶ ବାର୍ଷିକ ଉତ୍ସବ ବଳଙ୍ଗା ଭାର୍ଗବୀ କଲ୍ୟାଣ ମଣ୍ଡପଠାରେ କୃପାସିନ୍ଧୁ ଦତ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ଉପସଭାପତି ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଈଶ୍ୱର ଚନ୍ଦ୍ର ନାୟକ, ଡ. ନେତ୍ରାନନ୍ଦ ଭୋଇ, ନିରଞ୍ଜନ ମହାପାତ୍ର, ସନ୍ତୋଷ କୁମାର କର, ସୁଧାଂଶୁ କୁମାର ବେହେରା, ସହ ସମ୍ପାଦକ ଗଙ୍ଗାଧର ପ୍ରଧାନ ଅତିଥି ଭାବେ ଯୋଗଦେଇ ସର୍ବପ୍ରଥମେ ପ୍ରଦୀପ ପ୍ରଜ୍ୱଳନ ପରେ ପୂଜ୍ୟପୂଜା ମାଲ୍ୟାର୍ପଣ ପୁସ୍ତକମାଳାର ଉଦ୍‌ଘାଟନ ସହିତ "ବନ୍ଦେ ଉତ୍କଳ ଜନନୀ" ଗାନ କରାଯାଇଥିଲା। ଏହି ଅଧିବେଶନରେ ଦୃଶ୍ୟଶ୍ରାବ୍ୟ ମାଧ୍ୟମରେ କବିତାପାଠ ପ୍ରଦର୍ଶନ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଜଷ୍ଟିସ ଭିକାରୀ ଚରଣ ରାଉତ, ସମ୍ମାନିତ ଅତିଥିଭାବେ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ହରିହର ସାହୁ, ସମାଜସେବୀ ଶ୍ରୀକାନ୍ତ ପଟ୍ଟନାୟକ ଉପସ୍ଥିତ ଥିବାବେଳେ ସଂଯୋଜନା କରିଥିଲେ ପ୍ରାକ୍ତନ ଏବିଇଓ ସୀମାନ୍ତ ଶେଖର ରଥ। ସମ୍ପାଦକ ସୁରେନ୍ଦ୍ର ନାଥ ପଣ୍ଡା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଇତ୍ୟବସରରେ ବିଭିନ୍ନ କବି ଓ ଲେଖକଙ୍କ ପୁସ୍ତକ ଲୋକାର୍ପଣ ସହିତ ବିଭିନ୍ନ ମାନ୍ୟତାପ୍ରାପ୍ତ ବ୍ୟକ୍ତିବିଶେଷ ଏବଂ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତତ୍‌ସହିତ ନିକଟବର୍ତ୍ତୀ ଉଚ୍ଚ ବିଦ୍ୟାଳୟର ସର୍ବୋଚ୍ଚ ନମ୍ବରଧାରୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଶେଷରେ ସଂସଦର କୋଷାଧ୍ୟକ୍ଷ ସରୋଜ କୁମାର ଦେଓ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ହେମନ୍ତ କୁମାର ଦେଓ, ଲକ୍ଷ୍ମୀଧର ପୃଷ୍ଟି, ପୂର୍ଣ୍ଣଚନ୍ଦ୍ର ରଥ, ରବୀନ୍ଦ୍ର ଦାସ, ଲିଙ୍ଗରାଜ ଦାଶ, ସ୍ୱର୍ଣ୍ଣଲତା ପଣ୍ଡା, ରୀତାଞ୍ଜଳି ତ୍ରିପାଠୀ।

# ବେଲବାରୀ ପ୍ରିମିୟର ଲିଗ୍: ମହାବୀର ଥଣ୍ଡର୍ସ ଚାମ୍ପିଅନ



ନିମାପଡ଼ା,୨୮।୧୨(ସମିସ): ନିମାପଡ଼ା ବ୍ଲକ୍ ଶ୍ରୀମୁଖ ଖେଳପଡ଼ିଆଠାରେ ଅନୁଷ୍ଠିତ ହେଉଥିବା ୬ଷ୍ଠ ତ୍ରିଦିବସୀୟ ଫ୍ରାଞ୍ଚାଇଜ୍ କ୍ରିକେଟ ଉଦ୍‌ଯାପିତ ହୋଇଯାଇଛି। ବେଲବାରୀ ୟୁଥ୍ କ୍ଲବ୍ ଦ୍ୱାରା ଆୟୋଜିତ ଫାଇନାଲ ମ୍ୟାଚ୍‌ରେ ଆର୍‌ବି ରାଇଜର୍ସକୁ ପରାସ୍ତ କରି ମହାବୀର ଥଣ୍ଡର୍ସ କ୍ଲବ୍ ଚାମ୍ପିଅନ ହୋଇଛି। ଆର୍‌ବି ରାଇଜର୍ସ ପ୍ରଥମେ ବ୍ୟାଟିଂ କରି ୧୨୮ ରନ୍ ସଂଗ୍ରହ କରିଥିଲା। ମହାବୀର ଥଣ୍ଡର୍ସ ନିର୍ଦ୍ଧାରିତ ରନ୍‌କୁ ପିଛା କରି ୮ ୱିକେଟରେ ବିଜୟ ଲାଭ କରି ଚାମ୍ପିଅନ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଶିଳ୍ପପତି ସୁରେନ୍ଦ୍ର ବେହେରା, ସମ୍ମାନିତ ଅତିଥିଭାବେ ମାଧବୀଲତା ଦେଇ, ବିନୋଦ ପଣ୍ଡା, ବିରଞ୍ଚି ସାହୁ, ତପନ ପ୍ରଧାନ ପ୍ରମୁଖ ଯୋଗଦେଇ ଚାମ୍ପିଅନ ଦଳକୁ ୫୦ ହଜାର ଓ ରନର୍ସଅପ୍ ଦଳକୁ ୪୦ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ମହାବୀର ଥଣ୍ଡର୍ସର ସୁଜିତ ସେନାପତିଙ୍କୁ ମୁଖ୍ୟ ଅତିଥି ଶ୍ରୀ ବେହେରା ଏକ ରେସିଂ ସାଇକଲ ପ୍ରଦାନ କରିଥିଲେ। ମ୍ୟାଚ୍‌କୁ ସଫଳ ପରିଚାଳନା କରିଥିଲେ କ୍ଲବ୍‌ର ସଭାପତି ପଙ୍କଜ କୁମାର ଖଟୋଇ, ଉପସଭାପତି ବିଜୟ ଜେନା, ସମ୍ପାଦକ ରୁଦ୍ର ନାରାୟଣ ପଣ୍ଡା, ବିଶ୍ୱଜିତ୍ ବେହେରା ଓ ଅବିନାଶ ସେଠୀ ସହଯୋଗ କରିଥିଲେ। ମ୍ୟାଚ୍ ପରିଚାଳନା କରିଥିଲେ ଅମରଜ୍ୟୋତି ପାତ୍ର ଓ ଶିବୁନା ଦାସ ମହାପାତ୍ର।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଧାନଆଚାର୍ଯ୍ୟଙ୍କ ବଦଳି ଦାବି

ନୟାହାଟ,୨୮।୧୨(ସମିସ): ନୟାହାଟ ଫାଣ୍ଡି ଅନ୍ତର୍ଗତ ଯୋଗେଶ୍ୱରପୁରଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ପରିଚାଳନା ଦାୟିତ୍ୱରେ ଥିବା ପ୍ରଧାନଆଚାର୍ଯ୍ୟ କାର୍ଯ୍ୟକଳାପ ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ। କେତେକ ଅଭିଭାବକ ତାଙ୍କ ନାମ ଗୋପନ ରଖି କହିଛନ୍ତି, ଉକ୍ତ ବିଦ୍ୟାଳୟରେ ପ୍ରଧାନଆଚାର୍ଯ୍ୟ ପୂର୍ବରୁ ଏଠି ଥିଲେ। ତାଙ୍କର କିଛି ଭୁଲ୍ କାର୍ଯ୍ୟ ଯୋଗୁଁ ତାଙ୍କୁ ଅସ୍ତରଙ୍ଗ ଶିଶୁ ମନ୍ଦିରକୁ ବଦଳି କରାଯାଇଥିଲା। ସେଠାରେ ସେ ଦୁଇ ତିନି ବର୍ଷ ରହିଲା ପରେ ପୁନଶ୍ଚ ଯୋଗେଶ୍ୱରପୁର ଶିଶୁମନ୍ଦିରକୁ ଅଣାଯିବା କାହା ସ୍ୱାର୍ଥରେ ବୋଲି କିଛି ଅଭିଭାବକ ପ୍ରଶ୍ନ କରିଛନ୍ତି। ପ୍ରଧାନଆଚାର୍ଯ୍ୟ ଜଣକ ସ୍ଥାନୀୟ ଲୋକ ହୋଇଥିବାରୁ ତାଙ୍କ କାର୍ଯ୍ୟରେ ଗୁରୁଜୀ ଓ ଗୁରୁମା'ମାନଙ୍କ ମଧ୍ୟରେ ଧୀରେ ଧୀରେ ଅସନ୍ତୋଷର ନିଆଁ ହୁହୁଳୁଛି। ବାହାର ଅଞ୍ଚଳରୁ ଏକ ପ୍ରଧାନଆଚାର୍ଯ୍ୟଙ୍କୁ ନିଯୁକ୍ତି ପାଇଁ ଦାବି ହେଉଛି।

● ମୁକ୍ତି ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

# 'ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ହେଲେ ସାଧନା ଜରୁରୀ'



ଗୋପ,୨୮।୧୨(ସମିସ): ରବିବାର ସନ୍ଧ୍ୟାରେ ମୁକ୍ତି ଇନ୍‌ଷ୍ଟିଚ୍ୟୁଟ ପକ୍ଷରୁ ବିଭିନ୍ନ ବିଭାଗରୁ ବିଦାୟ ନେଇଥିବା ଓ ନୂତନ ଭାବେ ଯୋଗଦେଇଥିବା ଛାତ୍ରଛାତ୍ରୀମାନଙ୍କୁ ବିଦାୟ ଓ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଇନ୍‌ଷ୍ଟିଚ୍ୟୁଟ୍‌ର ପ୍ରତିଷ୍ଠାତା ଅଶୋକ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ନର୍ସିଂ ଶିକ୍ଷା ଶେଷ କରିଥିବା ଓ ନର୍ସିଂ ଶିକ୍ଷା ଲାଗି ଆସିଥିବା ଶତାଧିକ ଛାତ୍ରଛାତ୍ରୀଙ୍କୁ ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ହେଲେ ସାଧନା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ଅଧ୍ୟକ୍ଷ ଗଣେଶ ଚନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ସୁପ୍ରଭା ହାଜିରା ଯୋଗଦେଇ ସମୟକୁ କିପରି ଆମେ ଧ୍ୟାନ ଦେବା ସହିତ ନୃତ୍ୟଗୀତରେ କେମିତି ଆତ୍ମସନ୍ତୋଷ ମିଳିଥାଏ ସେ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଗୋପ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ଖଟୋଇ, ନର୍ସିଂ ଅଧ୍ୟକ୍ଷା ମନସ୍ୱିନୀ ପୃଷ୍ଟି, ଆଇଟିଆଇ କଲେଜର ଅଧ୍ୟକ୍ଷ ପ୍ରମୋଦ କୁମାର ଦାସ, ସମାଜସେବୀ ରାମକୃଷ୍ଣ ମହାନ୍ତି, ଗଣମାଧ୍ୟମ ପ୍ରତିନିଧି ସଚ୍ଚିଦାନନ୍ଦ ଗୋଛାୟତ, ସୁରେଶ କୁମାର ସାହୁ ପ୍ରମୁଖ ଯୋଗଦେଇ ଶିକ୍ଷା ଓ ସେବାର ପାରଦର୍ଶିତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଶୁଭଲକ୍ଷ୍ମୀ ବେହେରା, ନିକିତା କାଣ୍ଡି, ସ୍ୱପ୍ନାଞ୍ଜଳି ପ୍ରଧାନ, ସ୍ମୃତି ମଲ୍ଲିକ, ସୁପ୍ରିୟା ପ୍ରଧାନ, ଏମ୍ ଆଦ୍ୟାଶା ପ୍ରମୁଖ ପରିଚାଳନା କରିଥିଲେ।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ପ୍ରେମଲତା ମହାନ୍ତି
ଆବିର୍ଭାବ - ୨୫.୧୦.୧୯୪୩
ତିରୋଧାନ - ୧୯.୧୨.୨୦୨୫
ନିମେଇସାପୁର, କଟକ

ଚାହିଁ ଚାହିଁ ଏଗାର ଦିନ ବିତିଗଲା ।
ଆପଣଙ୍କର ଶ୍ରଦ୍ଧା ଓ ସ୍ନେହକୁ ଆମ୍ଭେମାନେ ସର୍ବଦା ମନେ ରଖିବୁ ।
ଆପଣଙ୍କ ଅମର ଆତ୍ମାର ସଦଗତି ପାଇଁ ପ୍ରଭୁଙ୍କ ଚରଣରେ ପ୍ରାର୍ଥନା କରୁଛୁ ।

ଶୋକସନ୍ତପ୍ତ :
ଶିବ ପ୍ରସାଦ ମହାନ୍ତି
ଓ ପରିବାର ବର୍ଗ

## ଲୋପାମୁଦ୍ରାଙ୍କ ପ୍ରକଳ୍ପ ଜୋନାଲସ୍ତରକୁ ମନୋନୀତ



ନୟାଗଡ଼,୨୮।୧୨(ସମିସ): ୫୨ତମ ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଉତ୍ସବ କେନ୍ଦୁଝରର ଜିଲ୍ଲାର ଧନୁର୍ଜୟ ନାରାୟଣ ଉଚ୍ଚ ବିଦ୍ୟାଳୟଠାରେ ଗତ ୨୬ ଓ ୨୭ ତାରିଖରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାର ସମସ୍ତ ବିଜ୍ଞାନ ପ୍ରକଳ୍ପ ସ୍ଥାନିତ ହୋଇଥିଲା। ନୂଆଗାଁ ଆଦର୍ଶ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ଲୋପାମୁଦ୍ରା ପ୍ରଧାନ ନୟାଗଡ଼ ଜିଲ୍ଲା ପାଇଁ ଗର୍ବ ଆଣିଛନ୍ତି। ତାଙ୍କ ପ୍ରକଳ୍ପ ଜୋନାଲସ୍ତରକୁ ଉତ୍ତୀର୍ଣ୍ଣ ହୋଇଛି। ଏହି ପ୍ରଦର୍ଶନୀ ମେଳାରେ ତାଙ୍କ ମାଆ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଶରତ କୁମାର ସାହୁ ଉପସ୍ଥିତ ରହି ଉତ୍ସାହିତ କରିଥିଲେ। ସର୍ବଶ୍ରେଷ୍ଠ ୭ଟି ପ୍ରକଳ୍ପ ମଧ୍ୟରେ ନୟାଗଡ଼ ଜିଲ୍ଲାରୁ ୧ଟି ପ୍ରକଳ୍ପ ଜୋନାଲସ୍ତରକୁ ମନୋନୀତ ହୋଇଛି, ଯାହା ଜିଲ୍ଲା ପାଇଁ ଅତ୍ୟନ୍ତ ଗୌରବର କଥା। ଜିଲ୍ଲା ଶିକ୍ଷାଧିକାରୀ ଚିତ୍ତରଞ୍ଜନ ପାଣ୍ଡେ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଓ ବିଭିନ୍ନ ମହଲରୁ ଶୁଭେଚ୍ଛା ବାର୍ତ୍ତାର ସୁଅ ଛୁଟିଛି। ସେ ଜିଲ୍ଲାର ଅନ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି।

## ବାଇକ୍ ଦୁର୍ଘଟଣା; ଜଣେ ମୃତ

ନୟାଗଡ଼,୨୮।୧୨(ସମିସ): ନୟାଗଡ଼-ଖଣ୍ଡପଡ଼ା ରାସ୍ତାର ଯଦୁପୁର ନିକଟରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବା ଦ୍ୱାରା ଜଣକର ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ମାଳତିପୁରର ବିଭୂତି ପତି। ଏଥିରେ ୫ ଜଣ ଆହତ ହୋଇଥିବାବେଳେ ୩ ଜଣଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିବା ବେଳେ ଦୁଇ ଆହତ ନୟାଗଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଆହତଙ୍କ ମଧ୍ୟରେ ଜଣେ ମହିଳା ଓ ଜଣେ ଶିଶୁ ଅଛନ୍ତି। ବିଭୂତି ତାଙ୍କ ଭଉଣୀ ରୋନାଲି ଓ ଭଣଜାଙ୍କୁ ନେଇ ବାଇକ୍‌ରେ ନୟାଗଡ଼ ଆସୁଥିଲେ। ବିପରୀତ ଦିଗରୁ ଗୋଟିଏ ବାଇକ୍‌ରେ ରାଉତରାପୁର ଗ୍ରାମର ବିଶ୍ୱଜିତ୍ ବେହେରା, ନବକିଶୋର ପ୍ରଧାନ ଓ ରାଜକିଶୋର ପ୍ରଧାନ ଯାଉଥିଲେ। ଉଭୟ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ସମସ୍ତଙ୍କୁ ଆମ୍ବୁଲାନ୍ସ ଯୋଗେ ନୟାଗଡ଼ ମେଡିକାଲକୁ ଆଣିବା ପରେ ଡାକ୍ତର ବିଭୂତିଙ୍କୁ ମୃତ ଘୋଷଣା କରିବା ସହ ବିଶ୍ୱଜିତ୍, ନବକିଶୋର ଏବଂ ରାଜକିଶୋରଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରିଛନ୍ତି। ସଦର ଥାନା ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ରାଜ୍ୟସ୍ତରୀୟ କବିତା ଆସର 'ଗାଁ ମହକ'

ରଣପୁର,୨୮।୧୨(ସମିସ): ଆମ ଗାଁ ସାହିତ୍ୟ ସଂସ୍କୃତି ସଂସଦ ଓ ମାଟିର ବାସ୍ନା ସାହିତ୍ୟ ସଂସଦ ଆନୁକୂଲ୍ୟରେ ରଣପୁର ବ୍ଲକ୍ ଅନ୍ତର୍ଗତ ଶଙ୍ଖମୂଳଠାରେ ଏକ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ଆମ ଗାଁ ସାହିତ୍ୟ ସଂସ୍କୃତି ସଂସଦର ସଭାପତି ଜ୍ୟୋତି ରଞ୍ଜନ ଦାଶଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ସୁଚାରୁ ଭାବେ ପରିଚାଳିତ ହୋଇଥିଲା। ଏହି କବିତା ଆସରରେ ଅତିଥି ଭାବେ ସଭାପତି ରଖେଲ ଚନ୍ଦ୍ର ମହାନ୍ତି, ସମ୍ପାଦିକା ସରସ୍ୱତୀ ବାରିକ, କଳିଙ୍ଗ ରତ୍ନ ବ୍ରହ୍ମାନନ୍ଦ ମହାରଣା, ସୋନପୁର ଅଧ୍ୟକ୍ଷ ହିମାଂଶୁ ଶେଖର ପାଢ଼ୀ, ଶିକ୍ଷାବିତ୍ ପ୍ରଭାତ ପ୍ରଧାନ, କବି ଅଜୟ ପ୍ରଧାନ, ନବ କିଶୋର ରାୟ ପ୍ରମୁଖ ଯୋଗଦେଇ ସାହିତ୍ୟ ଓ ସଂସ୍କୃତିର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସଂସଦର ଆବାହକ ଗୋଦାବରୀଶ ଦାଶଙ୍କ ଆବାହକତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମାଜସେବୀ ଚନ୍ଦ୍ରକାନ୍ତ ବେହେରା ଓ ଶିକ୍ଷାବିତ୍ ପ୍ରଭାତ ପ୍ରଧାନଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଆସରରେ ଭଦ୍ରକ, ରାଉରକେଲା, ମାଲକାନଗିରି, ଢେଙ୍କାନାଳ, ଖୋର୍ଦ୍ଧା, ପୁରୀ, ନୟାଗଡ଼, ନବରଙ୍ଗପୁର ଓ କୋରାପୁଟ ଜିଲ୍ଲାରୁ ପ୍ରାୟ ୪୫ ଜଣ କବି ଓ କବୟିତ୍ରୀ ଯୋଗଦେଇ ନିଜ ଆକର୍ଷଣୀୟ କବିତାପାଠ କରି ସଭାକୁ ମନ୍ତ୍ରମୁଗ୍ଧ କରିଥିଲେ।

## କଂଗ୍ରେସର ୧୪୦ତମ ପ୍ରତିଷ୍ଠା ଦିବସ



ନୟାଗଡ଼,୨୮।୧୨(ସମିସ): ରବିବାର ଭାରତୀୟ ଜାତୀୟ କଂଗ୍ରେସର ୧୪୦ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ନୟାଗଡ଼ ଜିଲ୍ଲା କଂଗ୍ରେସ ସଭାପତି ବରିଷ୍ଠ ଆଇନଜୀବୀ ରଣଜିତ ଦାଶ ଦଳୀୟ ଅରଟ ଚିହ୍ନିତ ପତାକା ସ୍ଥାନୀୟ ଛାୟାପଥ ଖେଳପଡ଼ିଆଠାରେ ସକାଳ ୯ଟାରେ ଦଳୀୟ କାର୍ଯ୍ୟକର୍ତ୍ତା ସେବାଦଳ କର୍ମୀଙ୍କ ଉପସ୍ଥିତିରେ ଉତ୍ତୋଳନ କରିଥିଲେ। ମଧ୍ୟାହ୍ନରେ ଗଣିଆ ଗାନ୍ଧୀ ଛକଠାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିକୁ କ୍ଷୀର ସ୍ନାନ କରାଇ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଖଣ୍ଡପଡ଼ା କଂଗ୍ରେସ ବିଧାୟକ ପ୍ରାର୍ଥୀ ବୈଜୟନ୍ତୀମାଳା ମହାନ୍ତି, ବରିଷ୍ଠ ନେତା ଲଡୁକେଶ୍ୱର ଷଡ଼ଙ୍ଗୀ, ନାରାୟଣ ସାହୁ, ନିର୍ମଳ ଚନ୍ଦ୍ର ରଥ, ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ପ୍ରତୀକ ମହାପାତ୍ର, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶିବରଞ୍ଜନ ସାହୁ, ହାଲିମ୍ ଖାଁ, ପ୍ରଦୀପ ମହାପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଗଣିଆ ବ୍ଲକ୍ କଂଗ୍ରେସ କମିଟି କାର୍ଯ୍ୟକର୍ତ୍ତାମାନେ ଯୋଗଦେଇଥିଲେ।

## ଆଜି ଭାପୁରରେ ଜିଲ୍ଲାପାଳଙ୍କ ବର୍ଷର ଶେଷ ଜନଶୁଣାଣି

ଭାପୁର,୨୮।୧୨(ସମିସ): ନୟାଗଡ଼ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ଭାପୁର ବ୍ଲକ୍‌ରେ ସୋମବାର ଅନୁଷ୍ଠିତ ହେବ। ବ୍ଲକ୍‌ରେ ଏହା ଏ ବର୍ଷର ଶେଷ ଶୁଣାଣି ଶିବିର। ସୋମବାର ଆୟୋଜିତ ହେବାକୁ ଥିବା ଶିବିର ଉପରେ ବ୍ଲକ୍‌ର ସମସ୍ତ ଜନସାଧାରଣଙ୍କ ନଜରରେ ରହିଛି। ପୂର୍ବରୁ ଜନପ୍ରତିନିଧି ଓ ପ୍ରଶାସନ ମଧ୍ୟରେ ବିବାଦ ନେଇ ଜିଲ୍ଲାପାଳଙ୍କ ନଜରକୁ କେତେକ ଆଣିବେ ବୋଲି ଜଣାପଡ଼ିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଭାପୁର ମହୋତ୍ସବ ଆୟୋଜନକୁ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିବାବେଳେ ପ୍ରଶାସନିକ ପଦକ୍ଷେପକୁ ନେଇ ଜିଲ୍ଲାରେ ଚର୍ଚ୍ଚା ହେଉଛି। ଏ ନେଇ ମଧ୍ୟ ଜିଲ୍ଲାପାଳଙ୍କ ନଜରକୁ କେତେକ ଆଣିବାର ସମ୍ଭାବନା ରହିଛି। ଦୁଇପକ୍ଷଙ୍କୁ ସନ୍ତୁଷ୍ଟ କରି ଶାନ୍ତିଶୃଙ୍ଖଳା, ସୁରୁଖୁରୁରେ କିପରି ମହୋତ୍ସବ ଆୟୋଜନ ହେବ ଏ ନେଇ ଜିଲ୍ଲା ପ୍ରଶାସନର କାର୍ଯ୍ୟକୁ ଜିଲ୍ଲାବାସୀ ନଜର ରଖିଛନ୍ତି।

### ନୟାଗଡ଼ ଜିଲ୍ଲା ମହୋତ୍ସବ ଶେଷ ସନ୍ଧ୍ୟା

# ଜିଲ୍ଲା ଗଠନରେ ବିଜୁ ବାବୁଙ୍କ ଅବଦାନ ସ୍ମରଣୀୟ: ବାଚସ୍ପତି

ନୟାଗଡ଼,୨୮।୧୨(ସମିସ)



ଦର୍ଶକଙ୍କୁ ବିମୋହିତ କଲା ପାଇକ ଆଖଡ଼ା

ରବିବାର ନୟାଗଡ଼ ଜିଲ୍ଲା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଶେଷ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ବିଧାନସଭା ବାଚସ୍ପତି ତଥା ରଣପୁର ବିଧାୟିକା ସୁରମା ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ନୟାଗଡ଼ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାସ ଚନ୍ଦ୍ର ପଣ୍ଡା ସଭାପତିତ୍ୱ କରିବା ସହ ସ୍ୱାଗତ ଅଭିଭାଷଣ ରଖିଥିଲେ। ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ ଏ ମାଟି ଉପେନ୍ଦ୍ର ଭଞ୍ଜଙ୍କ କର୍ମଭୂମି ବୋଲି କହିଥିଲେ। ବିଜୁ ପଟ୍ଟନାୟକଙ୍କ ପାଇଁ ନୟାଗଡ଼ ଜିଲ୍ଲା ମାନ୍ୟତା ପାଇଥିବା ବାଚସ୍ପତି କହିବା ସହ ତାଙ୍କ ଅବଦାନ ଚିରସ୍ମରଣୀୟ ବୋଲି କହିଥିଲେ। ଏହା ସହିତ ଅନେକ ପର୍ଯ୍ୟଟନ କ୍ଷେତ୍ର ଓ ଦେବଦେବୀଙ୍କ ପୀଠ ପାଇଁ ନୟାଗଡ଼ ସାରା ରାଜ୍ୟରେ ଦୃଷ୍ଟି ଆକର୍ଷଣ କରିଛି। ନୟାଗଡ଼ ଲୋକ କଳା ଓ ଲୋକ ସଂସ୍କୃତି ବେଶ୍ ଆଦୃତ ବୋଲି କହିଥିଲେ। ନୟାଗଡ଼ ମାଟିର ଯୋଗଜନ୍ମା ପୁରୁଷଙ୍କୁ ସମ୍ମାନ ଦେବାକୁ ବାଚସ୍ପତି ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ବିଷ୍ଣୁପ୍ରିୟା ବେହେରା, ନୟାଗଡ଼ ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ, ରଣପୁର ବ୍ଲକ୍ ଅଧ୍ୟକ୍ଷ ନିର୍ମଳା ବେହେରା, ରଣପୁର ବ୍ଲକ୍ ଉପାଧ୍ୟକ୍ଷ ପ୍ରଭାତ ଦଳବେହେରା, ରଣପୁର ଏନ୍‌ଏସି ଅଧ୍ୟକ୍ଷା ରଙ୍ଗୀନ ମହାନ୍ତି, ବରିଷ୍ଠ ଜିଲ୍ଲା ପରିଷଦ ସଦସ୍ୟ ରାମେଶ୍ୱର ଶତପଥୀ, ରଜନୀରାଣୀ ପଟ୍ଟନାୟକ, ଲକ୍ଷ୍ମୀପ୍ରିୟା ତରେଇ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର ପ୍ରମୁଖ ମଞ୍ଚାସୀନ ହୋଇ ନୟାଗଡ଼ ବିକାଶ, ନୟାଗଡ଼ ପର୍ଯ୍ୟଟନ କ୍ଷେତ୍ର, କଳା, ସାହିତ୍ୟ ଓ ସଂସ୍କୃତି ଉପରେ ବକ୍ତବ୍ୟ ରଖିଥିଲେ। ଉଦ୍‌ଯାପନ ସନ୍ଧ୍ୟାକୁ ସାମ୍ବାଦିକ ଜୟେନ୍ଦ୍ର ବେହେରା ସଂଯୋଜନା କରିଥିଲେ। ଶେଷ ସନ୍ଧ୍ୟାରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଖୋର୍ଦ୍ଧାର କଳିଙ୍ଗ ପାଇକ ଆଖଡ଼ା ବେଶ୍ ଚିତ୍ତାକର୍ଷକ ଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ରୁକ୍ସୁନା ମେଲୋଡ଼ି ଦର୍ଶକଙ୍କୁ ବିମୋହିତ କରିଥିଲା।

### ସାମୟିକ ଧାରଣା ଦେଲେ ସାମ୍ବାଦିକ



ଜିଲ୍ଲା ମହୋତ୍ସବ ଉଦ୍‌ଯାପନୀ ସନ୍ଧ୍ୟାରେ ଗଣମାଧ୍ୟମ ପ୍ରତିନିଧିଙ୍କ ଉଦ୍ଦିଷ୍ଟ ଚୌକି ବାହାର ଲୋକଙ୍କ ଦ୍ୱାରା ଅକ୍ତିଆର ହୋଇଥିବାବେଳେ ବାରମ୍ବାର ଅଭିଯୋଗ କରାଯାଇଥିଲା। ଏହାକୁ ନେଇ କେହି ଦୃଷ୍ଟି ଦେଇ ନ ଥିଲେ। ସଭା ଆରମ୍ଭ ବେଳକୁ ଗଣମାଧ୍ୟମ ପ୍ରତିନିଧି ବସିବାକୁ ସ୍ଥାନ ଅଭାବ ଯୋଗୁଁ ସମସ୍ତେ ମଞ୍ଚ ତଳେ ବସି ଧାରଣା ଦେଇଥିଲେ।

### ପୁସ୍ତକ ମେଳାରେ ୫ ଲକ୍ଷରୁ ଊର୍ଦ୍ଧ୍ୱ ବେପାର

ନୟାଗଡ଼ ଜିଲ୍ଲା ମହୋତ୍ସବ, ପଲ୍ଲିଶ୍ରୀ ମେଳା, କୃଷି ଯନ୍ତ୍ରପାତି ମେଳା ଓ ପୁସ୍ତକ ମେଳା ୫ ଦିନବ୍ୟାପୀ ନୟାଗଡ଼ ଷ୍ଟାଡିୟମ୍ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଭଲ ପାଗ ଓ ସୁବ୍ୟବସ୍ଥିତ ଷ୍ଟଲ୍ ନିର୍ମାଣ ହୋଇଥିବାରୁ ପୁସ୍ତକମେଳାରେ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ପୁସ୍ତକ ବିକ୍ରି ହୋଇଛି। ୧୫ରୁ ଊର୍ଦ୍ଧ୍ୱ ପୁସ୍ତକ ଦୋକାନ ଖୋଲାଯାଇଥିଲା। ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ସମେତ ବିଭିନ୍ନ ବର୍ଗର ପାଠକ ପୁସ୍ତକ କ୍ରୟ କରିଥିବା ଜଣାପଡ଼ିଛି।

### ପ୍ରଶାସନିକ ଅଧିକାରୀଙ୍କ ନୃତ୍ୟକୁ ନେଇ ଚର୍ଚ୍ଚା

ଜିଲ୍ଲା ମହୋତ୍ସବ ତୃତୀୟ ସନ୍ଧ୍ୟାରେ ସିନେ ଅଭିନେତ୍ରୀ ଅନୁରାଧା ପାଣିଗ୍ରାହୀଙ୍କ ସହ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ନୃତ୍ୟକୁ ନେଇ ଜିଲ୍ଲାରେ ଜୋର୍‌ଦାର୍ ଚର୍ଚ୍ଚା ସୃଷ୍ଟି ହୋଇଛି। ଅନେକ ଏହାକୁ ହାଲୁକା ଭାବେ ନେଇଥିବାବେଳେ ବୁଦ୍ଧିଜୀବୀ ମହଲରେ ନାପସନ୍ଦ କରାଯାଇଛି। ଜିଲ୍ଲାର ମାନ ମର୍ଯ୍ୟାଦାକୁ ଭୁଲି ପ୍ରଶାସନିକ ଅଧିକାରୀମାନେ ମଞ୍ଚରେ ଚଢ଼ିବାକୁ ନେଇ ସୋସିଆଲ ମିଡିଆରେ ମଧ୍ୟ ସମାଲୋଚନା କରାଯାଉଛି।

### ● ଭଗବତୀ ପ୍ରସାଦରେ ବେଆଇନ ମାଙ୍କଡ଼ା ଖଣି

## ପୁଣି ସକ୍ରିୟ ମାଫିଆ; ରାତିଅଧିଆ ବେପାର

ନୟାଗଡ଼,୨୮।୧୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ତହସିଲ୍ ଅଧୀନସ୍ଥ ରୋହିବାଙ୍କ ପଞ୍ଚାୟତରେ ପୁଣି ଥରେ ମାଙ୍କଡ଼ା ଖଣି ମାଫିଆମାନେ ସକ୍ରିୟ ହୋଇ ଉଠିଛନ୍ତି। ମାଙ୍କଡ଼ା ଖଣିକୁ ନେଇ ଅଡିଓ ଭାଇରାଲ ହେବା, ଖଣି କାରବାରକୁ ନେଇ ରକ୍ତପାତ ହେବା, ପୁଲିସ ଚଢ଼ଉ କରିବା ପରେ ଖଣି କାରବାର କିଛିଦିନ ବନ୍ଦ ରହିଥିବାବେଳେ ଏବେ ପୁଣି ରାତିଅଧିଆ ବେପାର ଆରମ୍ଭ ହୋଇଛି। ଉକ୍ତ ଅଞ୍ଚଳରେ ରହିଥିବା ଭଗବତୀ ପ୍ରସାଦ ଗ୍ରାମରେ ବ୍ୟାପକ ଖଣି ଖୋଳାଯାଉଛି। ଏହି ବେଆଇନ ଖଣି କାରବାରରେ ଶତାଧିକ ଗାଡ଼ି ବ୍ୟବହାର ହେଉଛି। ଜେସିବି, ଟ୍ରାକ୍ଟର, ୪୦୭, ହାଇୱା, ଡମ୍ଫର, ଟ୍ରକ୍ ଏବଂ ପଥକଟା ମେସିନ ବ୍ୟବହାର ହେଉଛି। ଦୈନିକ ଶତାଧିକ ଟ୍ରିପ୍ ମାଙ୍କଡ଼ା ଓ ମୋରମ୍ ବେଆଇନ ଭାବେ ଚାଲାଣ ହେଉଛି। ଏଭଳି ଲୁଟ୍ ପାଇଁ କିଏ ପ୍ରୋତ୍ସାହନ ଦେଉଛି, କିଏ ସମର୍ଥନ ଦେଉଛି ତାହା ବଡ଼ ପ୍ରସଙ୍ଗ ପାଲଟିଥିବାବେଳେ ପ୍ରଶାସନିକ ଅଧିକାରୀମାନେ ଗାନ୍ଧୀଙ୍କ ମାଙ୍କଡ଼ ସାଜିବା ଜିଲ୍ଲାବାସୀଙ୍କୁ ଚିନ୍ତାରେ ପକାଇଛି।

ପ୍ରତ୍ୟେକ ଦିନ ରାତିରେ ଖଣି ଚାଲୁଥିବାବେଳେ ଖଣି ଖନନ ସମୟକୁ ପରିବର୍ତ୍ତନ କରାଯାଉଛି। କେଉଁ ଦିନ ରାତି ୧୨ଟାରୁ ଆରମ୍ଭ ହେଉଛି ତ ପୁଣି କେଉଁଦିନ ରାତି ୩ଟାରୁ ସକାଳ ୭ ଯାଏଁ ଖଣି ଖନନ ହେଉଛି। ସେହିଭଳି ଅନେକ ସମୟରେ ସନ୍ଧ୍ୟା ସମୟରେ ପଥର କାଟି ରାତି ୧୧ଟା ସୁଦ୍ଧା ଖାଲି କରାଯାଉଛି। ଦୀର୍ଘ ବର୍ଷ ଧରି ଚାଲିଥିବା ବେଆଇନ ମାଙ୍କଡ଼ା ଖନନ ପାଇଁ ଉକ୍ତ ଅଞ୍ଚଳରେ ଶହଶହ ସଂଖ୍ୟାରେ ମୃତ ମାଙ୍କଡ଼ା ଖଣି ରହିଛି। ଏହି ମୃତ ମାଙ୍କଡ଼ା ଖଣିଗୁଡ଼ିକର ଗଭୀରତା ୫୦ରୁ ୧୦୦ ଫୁଟ୍। ବର୍ତ୍ତମାନ ସମୟରେ ୮୪ଟି ଖଣି ଜୀବନ୍ତ ଅବସ୍ଥାରେ ଥିବାବେଳେ ୧୫୦ରୁ ଊର୍ଦ୍ଧ୍ୱ ମୃତ ଖଣି ରହିଛି। ମୃତ ଖଣିଗୁଡ଼ିକ ପୋତାଯାଉ ନ ଥିବାରୁ ଏହା ଜଳାଶୟରେ ପରିଣତ ହୋଇରହିଛି। ନାଲିମାଟି ମାଫିଆମାନେ ଖଣି ଲୁଟ୍ କରିବା ପରେ ତାହାକୁ ଏଭଳି ସ୍ଥିତିରେ ଛାଡ଼ି ଦେଉଛନ୍ତି। ଯାହା ଭବିଷ୍ୟତରେ ବିପଦ ସୃଷ୍ଟି କରିବା ନିଶ୍ଚିତ ବୋଲି ଆଲୋଚନା ହେଉଛି। ବିଗତ ଦିନରେ ଏହି ଜଳାଶୟରେ ଅନେକ ଜୀବନ ଯାଇ ସାରିଥିବାବେଳେ ମରଣଯନ୍ତା ସୃଷ୍ଟି କେବେ ବନ୍ଦ ହେବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଗତ ୩ ବର୍ଷ ଧରି ବ୍ୟାପକ ଭାବେ ଏଠାରେ ଖଣି ଖନନ କରାଯାଇ ଲୁଟ୍ କରାଯାଉଥିଲେ ମଧ୍ୟ ସମସ୍ତେ ଆଖିବୁଜି ଦେଇଛନ୍ତି।

### ନୂଆ ବର୍ଷ ପୂର୍ବରୁ ଭିଡ଼

## ଶ୍ରୀନୀଳମାଧବଙ୍କ ପୀଠରେ ୫୦ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ

କଣ୍ଟିଲୋ,୨୮।୧୨(ସମିସ): ନୂଆ ବର୍ଷ ପୂର୍ବରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଦ୍ୟକ୍ଷେତ୍ର ଶ୍ରୀନୀଳମାଧବଙ୍କ ପୀଠରେ ରବିବାର ପର୍ଯ୍ୟଟକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ମନ୍ଦିର ସିଂହଦ୍ୱାର ଓ ପଶ୍ଚିମ ଦ୍ୱାର ରାସ୍ତାରେ ଲମ୍ବା ଧାଡ଼ି ଦେଖିବାକୁ ମିଳିଥିଲା। ଅସମ୍ଭାଳ ଭିଡ଼ ହେତୁ ଦର୍ଶନ ସମୟରେ ଘଣ୍ଟା ଘଣ୍ଟା ଅପେକ୍ଷା କରିବା ସହିତ ଠେଲାପେଲା ହୋଇଥିଲା। ମନ୍ଦିର ଉପରେ ସେବାୟତମାନେ ଶୃଙ୍ଖଳିତ ଭାବେ ଦର୍ଶନ କରାଇଥିଲେ। ପର୍ଯ୍ୟଟନ ଋତୁ ଚାଲିଥିବାରୁ ନୂଆ ବର୍ଷ ପାଳନ ପାଇଁ ଏବେ ନୀଳମାଧବ ପୀଠକୁ ଦୈନିକ ହଜାର ହଜାର ଶ୍ରଦ୍ଧାଳୁଙ୍କ ଆଗମନ ହେଉଛି। ଭିଡ଼କୁ ଦୃଷ୍ଟିରେ ରଖି ସୁରକ୍ଷାବଳ ମୁତୟନ କରାଯାଇଛି।



ତେବେ ମନ୍ଦିର ପରିସରରେ ପାନୀୟଜଳର ଅଭାବ ସହ ରାତ୍ରି ସମୟରେ ବିଦ୍ୟୁତ୍ କାଟ୍ ସମୟରେ ଆଲୋକ ବ୍ୟବସ୍ଥା ନ ଥିବାରୁ ଆସୁଥିବା ପର୍ଯ୍ୟଟକମାନେ ଅସନ୍ତୋଷ ପ୍ରକାଶ କରିବା ସହିତ ତିକ୍ତ ଅନୁଭୂତି ନେଇ ଫେରୁଛନ୍ତି। ଏଥିସହ ସିଂହଦ୍ୱାର ପାର୍କିଂ ସ୍ଥଳରେ କୁଢ଼କୁଢ଼ ଅଳିଆ ଆବର୍ଜନା ପଡ଼ିବା ସହ ପରିବେଶ ଦୁର୍ଗନ୍ଧମୟ ହେଉଛି। ଏହାକୁ ସଫାସୁତରା ରଖିବା ସହ ଲାଗିଥିବା ଏଲ୍‌ଇଡି ଲାଇଟ୍ ପୋଷ୍ଟ କାର୍ଯ୍ୟକ୍ଷମ କରାଯିବା ପାଇଁ ଦାବି ହେଉଛି।

### ■ ମୀନକେତନ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ବାବୁ ୱାରିୟର୍ସ ଚାମ୍ପିଅନ



ନୂଆଗାଁ,୨୮।୧୨(ସମିସ): ସୋରଡ଼ା ପଞ୍ଚାୟତ ଜଗନ୍ନାଥ ପ୍ରସାଦ ମା' ଢୁମାଲୁଣୀ କ୍ରିକେଟ୍ କ୍ଲବ୍ ପକ୍ଷରୁ ଗତ ୨୧ ତାରିଖଠାରୁ ଆୟୋଜିତ ଅଷ୍ଟମ ମୀନକେତନ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ରବିବାର ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜେକେ ରୟାଲ୍ସକୁ ପରାସ୍ତ କରି ବାବୁ ୱାରିୟର୍ସ ଚାମ୍ପିଅନ୍ ହୋଇଛି। ଜେକେ ରୟାଲ୍ସ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୧୧୩ ରନ୍ ସଂଗ୍ରହ କରିଥିଲା। ଜବାବରେ ବାବୁ ୱାରିୟର୍ସ ମୈଦାନକୁ ଓହ୍ଲାଇ ୧୦ ଓଭରରେ ୧୧୬ ରନ୍ କରି ବିଜୟଲାଭ କରିଥିଲା। ଚାମ୍ପିଅନ୍ ବାବୁ ୱାରିୟର୍ସର କାହ୍ନା ମ୍ୟାନ୍ ଅଫ୍ ଦ ମ୍ୟାଚ୍ ଓ ଚନ୍ଦନ ମ୍ୟାନ୍ ଅଫ୍ ଦ ସିରିଜ୍ ବିବେଚିତ ହୋଇଥିଲେ। ଅତିଥି ଭାବେ ବିଧାୟକ ରମେଶ ଚନ୍ଦ୍ର ବେହେରା, ସରପଞ୍ଚ ଫକିର ମୋହନ ସାହୁ, ରାଜସ୍ୱ ନିରୀକ୍ଷକ ଅଜିତ୍ କୁମାର ଡାକୁଆ, ପୂର୍ବତନ ସମିତିସଭ୍ୟ ଦିଲ୍ଲୀପ କୁମାର ଦଳବେହେରା, ସମାଜସେବୀ ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ସନ୍ତୋଷ ପ୍ରଧାନ, ବାବୁ ୱାରିୟର୍ସର ମାଲିକ ପ୍ରଭାତ ପ୍ରଧାନ(ବାବୁ) ପ୍ରମୁଖ ଯୋଗଦେଇଥିଲେ। ଚାମ୍ପିଅନ୍ ଦଳକୁ ୭ହଜାର ଓ ରନର୍ସ ଅପ୍ ଦଳକୁ ୪ହଜାର ଟଙ୍କା ଏବଂ ଟ୍ରଫି ପ୍ରଦାନ କରାଯାଇଥିଲା। ଖେଳକୁ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ମାନସ ପ୍ରଧାନ, ସୁଧୀର ବେହେରା ପ୍ରମୁଖ ପରିଚାଳନା କରିଥିଲେ।

### ● ଶରଣକୁଳ ସର୍ବଭାରତୀୟ ମହିଳା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

## ଫାଇନାଲରେ ଓଡ଼ିଶା ପୁଲିସ

ଶରଣକୁଳ,୨୮।୧୨(ସମିସ): ଶରଣକୁଳ ସ୍ପୋର୍ଟ୍ସ ଆସୋସିଏସନ ପକ୍ଷରୁ ସ୍ଥାନୀୟ ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଅନୁଷ୍ଠିତ ୩ୟ ସର୍ବ ଭାରତୀୟ ମହିଳା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିବସ ଖେଳ ଓଡ଼ିଶା ପୁଲିସ କଟକ ଓ ଏମ୍‌ଏଫ୍‌ସି କୋଲକାତା ମଧ୍ୟରେ ରବିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶା ପୁଲିସ ୪-୦ ଗୋଲ୍‌ରେ କୋଲକାତା ଦଳକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ରୀନା ତିର୍କୀ ଖେଳ ପରିଚାଳନା କରିଥିବାବେଳେ ବାଲମତି ଓରାମ, ସୀତା ମାରାଣ୍ଡି ଓ ଆରତୀ ମହାନ୍ତି ଲାଇନରେ ସହାୟତା କରିଥିଲେ। ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଚତୁର୍ଥ ଦିବସ ଖେଳକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ଗାଁ ବିଡିଓ ପ୍ରୀତିବାଳା ରଣା, ଉଦ୍ୟୋଗପତି ସୁବାସ ଚନ୍ଦ୍ର ପଣ୍ଡା, ସନ୍ତୋଷ ପାତ୍ର, ତାପସ ରଞ୍ଜନ ପାଢ଼ୀ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ମନୀଷା ନାୟକଙ୍କୁ ଶ୍ରେଷ୍ଠ ଖେଳାଳି ରୂପେ ପୁରସ୍କୃତ କରାଯାଇଥିଲା। ରବିବାର ଫାଇନାଲ୍ ମ୍ୟାଚ୍ ଓଡ଼ିଶା ପୁଲିସ ଓ ସ୍ପୋର୍ଟ୍ସ ହଷ୍ଟେଲ ସୁନ୍ଦରଗଡ଼ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଜ୍ୟୋତିର୍ମୟ ମହାନ୍ତି ଜଣାଇଛନ୍ତି।

### ଖଣ୍ଡପଡ଼ା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଦ୍ୱିତୀୟ ସନ୍ଧ୍ୟା

## ଶୀତୁଆ ସଞ୍ଜରେ ଉଷ୍ମତା ଭରିଲେ ଅସୀମା

ଖଣ୍ଡପଡ଼ା,୨୮।୧୨(ସମିସ)



ଖଣ୍ଡପଡ଼ା "କଳା ବିକାଶ ପରିଷଦ" ଆନୁକୂଲ୍ୟରେ ଆୟୋଜିତ ୧୦ମ ଖଣ୍ଡପଡ଼ା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ରବିବାର ଦ୍ୱିତୀୟ ସନ୍ଧ୍ୟାରେ ବହୁ ଜନ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା। ଅପରାହ୍ଣ ୪ଟାରୁ ଆଦିତି ଡ୍ୟାନ୍ସ ଗ୍ରୁପ୍ ଏକାଡେମୀ ନୟାଗଡ଼ ଗୁରୁ ଅଭିଲିପ୍ସା ଦାସ, ନୃତ୍ୟ ପ୍ରଣାମ ବନମାଳିପୁର ଗୁରୁ ଲିମା ଦାସଙ୍କ କଳାକାରଙ୍କ ଦ୍ୱାରା ଓଡ଼ିଶୀ, ସମ୍ବଲପୁରୀ, ବେଙ୍ଗଲୀ ଫୋକ୍ ନୃତ୍ୟ ପରିବେଷଣ ହୋଇଥିଲା। ସେହିପରି ଅନୁଗୁଳର ରାବଣ ଛାୟା ନାଟ୍ୟ ସଂସଦ ଓଡ଼ଶ ଓ ପୁରୀ ସାହିଯାତ ନୃତ୍ୟ ଦର୍ଶକଙ୍କୁ ବେଶ୍ ମନୋରଞ୍ଜନ କରିଥିଲା। ଏତଦ୍‌ବ୍ୟତୀତ ଓଁ ସାଇ ଇଣ୍ଟରନ୍ୟାସ୍‌ନାଲ ବିଦ୍ୟାଳୟର ଛାତ୍ରଛାତ୍ରୀ ମହୋତ୍ସବର ମୁଖ୍ୟ ଆକର୍ଷଣ ଖଣ୍ଡପଡ଼ା ମହୋତ୍ସବ ବନ୍ଦନାରେ ସୁନ୍ଦର ଅଭିନୟ ଓ ନୃତ୍ୟ ପରିବେଷଣ କରିଥିଲେ। ଉଦ୍‌ଘୋଷକ ପରମେଶ୍ୱର ବେହେରା ସାଂସ୍କୃତିକ କାର୍ଯ୍ୟକ୍ରମକୁ ସୁନ୍ଦର ଭାବେ ସଂଯୋଜନା କରିଥିଲେ। ସନ୍ଧ୍ୟା ୬ଟାରେ ଅନୁଷ୍ଠାନର ସଭାପତି ପ୍ରଦୀପ୍ତ କିଶୋର ମିଶ୍ରଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାର ରଙ୍ଗାରଙ୍ଗ କାର୍ଯ୍ୟରେ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ଅସୀମା ପଣ୍ଡା ଏବଂ ସାଥୀ କଳାକାରଙ୍କ ଗୀତରେ ଦର୍ଶକମାନେ ଝୁମିଥିଲେ। ଶୀତୁଆ ସଞ୍ଜରେ ଅସୀମାଙ୍କ ସଙ୍ଗୀତ ସହ ଠୁମ୍‌କା ଦର୍ଶକଙ୍କ ମଧ୍ୟରେ ଉଷ୍ମ ଭରିଦେଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ସମ୍ମାନିତ ଅତିଥି ରୂପେ ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ, ସୋରଡ଼ା ବିଧାୟକ ନୀଳମଣି ବିଶୋଇ, ସମାଜସେବୀ ଗୟାଧର ପରିଡ଼ା, ଚନ୍ଦ୍ରକାନ୍ତ ବଳିଆରସିଂହ, ଆବାହକ ଦୀନବନ୍ଧୁ ଦାସ ପ୍ରମୁଖ ମଞ୍ଚାସୀନ ରହି ମହୋତ୍ସବର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ରମେଶ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ତୃତୀୟ ସନ୍ଧ୍ୟାରେ ମଣ୍ଟୁ ଛୁରିଆ ଦର୍ଶକଙ୍କୁ ମନୋରଞ୍ଜନ କରିବେ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

### ପଲ୍ଲିଶ୍ରୀ ମେଳା ଓ ଭାରତ ମସଲା ଷ୍ଟଲ୍‌ରେ ଭିଡ଼



ଚଳିତ ବର୍ଷ ମହୋତ୍ସବକୁ ଆସିଥିବା ବିଭିନ୍ନ ଷ୍ଟଲ୍, ଦୋଳି, ପିଲାଙ୍କ ଖେଳନା ଗାଡ଼ି, ଖାଦ୍ୟ ପଦାର୍ଥ ଆଦି ଦୋକାନୀମାନେ ଭଲ ବ୍ୟବସାୟ କରୁଥିବାବେଳେ ପ୍ରଥମ ଦିନରୁ ଭାରତ ମସଲା ଷ୍ଟଲ୍‌ରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଶନିବାର ଓ ରବିବାର ଦିନ ୧୦ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ଷ୍ଟଲ୍‌ରେ ଗ୍ରାହକମାନଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଏହି ଷ୍ଟଲ ଭଲ ବ୍ୟବସାୟ କରିବା ନେଇ ଆଶାବାଦୀ ଅଛନ୍ତି ଷ୍ଟଲ୍‌ର ମୁଖ୍ୟ ମନୋଜ କୁମାର ପାଲ୍।

## ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ସେମିରେ ଖୋର୍ଦ୍ଧା

ଗଣିଆ,୨୮।୧୨(ସମିସ): ଗଣିଆ ବ୍ଲକ୍ ବେଲପଡ଼ାପାଟଣାରେ ଥିବା ରଘୁନାଥଜୀଉ କ୍ଲବ୍ ଆନୁକୂଲ୍ୟରେ ୪୮ତମ ଦୟାନିଧି ସାହୁ ଏବଂ ସୁଦର୍ଶନ ସାହୁ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ତଥା ଶେଷ ଲିଗ୍ ମ୍ୟାଚ୍‌ରେ ପରସ୍ପରକୁ ଭେଟିଥିଲେ ସୁକିନ୍ଦା (ଯାଜପୁର) ଏବଂ ଖୋର୍ଦ୍ଧା ୧୧। ଖୋର୍ଦ୍ଧା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ବିଶାଳ ୩୬୪ ରନ୍ ସଂଗ୍ରହ କରିଥିଲା। ବିଶ୍ୱଜିତ୍ ମହାପାତ୍ର ୩୨ ବଲ୍‌ରୁ ଧୂଆଁଧାର ୮୫ ରନ୍ ଏବଂ ସୌଭାଗ୍ୟ ଦାସ ୨୪ ବଲ୍‌ରୁ ୮୫ ରନ୍ ସଂଗ୍ରହ କରିଥିଲେ। ଜବାବରେ ସୁକିନ୍ଦା ୧୯.୩ ଓଭରରେ ସମସ୍ତ ୱିକେଟ୍ ହରାଇ ୨୨୧ ରନ୍ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା। ଚତୁର୍ଥ ଦଳ ଭାବେ ଖୋର୍ଦ୍ଧା ସେମି ଫାଇନାଲ୍‌ରେ ପ୍ରବେଶ କରିଛି। ଖୋର୍ଦ୍ଧାର ସୌଭାଗ୍ୟ ଦାସଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ମ୍ୟାଚ୍ ପରିଚାଳନା କରିଥିଲେ ସମୀର କୁମାର ମହାପାତ୍ର ଓ ତ୍ରିଲୋଚନ ବସ୍ତି। ମୁଖ୍ୟ ଅତିଥି ଭାବେ ଗଣିଆ ଥାନା ଏସ୍‌ଆଇ ଶ୍ୟାମସୁନ୍ଦର ପ୍ରଧାନ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସୋମବାର ପ୍ରଥମ ସେମି ଫାଇନାଲରେ ଖୋର୍ଦ୍ଧା ୧୧ ବନାମ ମେଣ୍ଢାଶାଳ (ଖୋର୍ଦ୍ଧା) ମଧ୍ୟରେ ଅନୁଷ୍ଠିତ ହେବ।

